ପ୍ରେସ ନୋଟ୍

## ତାଳଚେର ଓ ବଅଁରପାଳ ବ୍ଲକର ଅଣ ଜଳସେଚିତ ଜମିର ଜଳ ଯୋଗାଣକୁ ନେଇ ସମୀକ୍ଷା କଲେ ଉପ-ବାଚସ୍ପତି ।

ଅନୁଗୋଳ ୨୫.୮ :- ତାଳଚେର ଓ ବଅଁରପାଳ ବ୍ଲକ ଅଞ୍ଚଳରେ ଥିବା ଅଣ ଜଳସେଚିତ ଜମିରେ ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲରୁ ଉଠାଜଳସେଚନ ମେଗା ଲିଫ୍ଟ ମାଧ୍ୟମରେ କିପରି ଜଳ ଯୋଗାଣ କରାଯାଇ ପାରିବ ସେଥିପାଇଁ ଯୁଦ୍ଧକାଳିନ ଭିତ୍ତିରେ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ଓଡିଶା ବିଧାନସଭାର ଉପ-ବାଚସ୍ପତି ତଥା ଅନୁଗୋଳ ବିଧାୟକ ଶ୍ରୀ ରଜନୀକାନ୍ତ ସିଂହ ପରାମର୍ଶ ଦେଇଛନ୍ତି । ଗତକାଲି ଅପରାହ୍ଣରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଉପ-ବାଚସ୍ପତି ଯୋଗ ଦେଇ ଏହି ପରାମର୍ଶ ଦେବା ସହ ତାଳଚେର ଓ ବଅଁରପାଳ ଅଞ୍ଚଳରେ ଯାଇଥିବା କେନାଲ ଗୁଡିକରେ ଜଳସ୍ତର ନିମ୍ନରେ ପ୍ରବାହିତ ହେଉଥିବାରୁ ଉଚ୍ଚାରେ ଥିବା ଜମିକୁ ପାଣି ମାଡିପାରୁନାହିଁ । ଯାହାଫଳରେ ଚାଷୀମାନେ ତାଙ୍କ ଜମିକୁ ଜଳସେଚନ କରାଇ ପାରୁନାହାଁନ୍ତି । ଉଠାଜଳସେଚନ ବିଭାଗର ଯନ୍ତ୍ରୀମାନେ ଏଠାରେ ବିଭାଗୀୟ ପ୍ରକଳ୍ପ କରି କେନାଲରୁ ପାଣି ଉଠାଇ ଜମିରେ ମଡାଇବାକୁ ଉପ-ବାଚସ୍ପତି ପରାମର୍ଶ ଦେଇଛନ୍ତି । ଏହାଛଡା ଯେଉଁଠି କ୍ଷୁଦ୍ର ଓ ବ୍ଲକ ଉଠା ଜଳସେଚନର ସୁବିଧା ଉପଲବ୍ଧ ଅଛି ସେଠାରେ ଜଳଯୋଗାଣ କରିବା ଉପରେ ଉପ-ବାଚସ୍ପତି ଗୁରୁତ୍ୱାରୋପ କରିଛନ୍ତି । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ ଉପଲବ୍ଧ ବିଭିନ୍ନ ଜଳସେଚନ ପ୍ରକଳ୍ପ ଦ୍ୱାରା ଯୋଗାଇ ଦିଆଯାଇଥିବା ଜଳସେଚନ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଶ୍ରୀ ସନ୍ତୋଷ ପ୍ରସାଦ ମିଶ୍ର, ଜଳସେଚନ ବିଭାଗର ଢେଙ୍କାନାଳ ଦକ୍ଷିଣ କେନାଲର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ଉପେନ୍ଦ୍ର ସେଠୀ ଏବଂ ରେଙ୍ଗାଲି ଦକ୍ଷିଣ କେନାଲର ନିର୍ବାହୀ ଯନ୍ତ୍ରୀଙ୍କ ସମେତ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ ମାନେ ଯୋଗ ଦେଇଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୫୮୦ ତା.୨୫.୮.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

